ତହସିଲ କାର୍ଯ୍ୟାଳୟ ହିନ୍ଦୋଳ, ଢେଙ୍କାନାଳ

# ତହସିଲଦାରଙ୍କ ଅଦାଲତ, ହିନ୍ଦୋଳ

ଲିଜ କେସ ନଂ :- ୦୪/୨୦୨୨

## ସର୍ବସାଧାରଣ ଇସ୍ତାହାର

ଏତଦ୍ୱାରା ବଡମୁଣ୍ଡା ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନତଫସିଲ୍ ବର୍ଣ୍ଣିତ ସରକାରୀ ଜମିକୁ ବିଭାଗ ଅଧୀନରେ ୩ (a)(୨) ର O.G.L.S ନିୟମ, ୧୯୬୨ ଅନୁଯାୟୀ ପଥରବଣି କିସମ ରୁ ପତିତ କିସମ ଏବଂ ଆବାଦ ଅଯୋଗ୍ୟ ଅନାବାଦି ଖାତା ରୁ ଆବାଦ ଯୋଗ୍ୟ ଅନାବାଦି ଖାତା କୁ ପରିବର୍ତ୍ତନ କରାଯାଇଅଛି ଏବଂ ଉକ୍ତ ସରକାରୀ ଜମିକୁ ଇଡକୋ ଓଡିଶା ଭୁବନେଶ୍ୱରଙ୍କ ସପକ୍ଷରେ ଶିଳ୍ପ ପ୍ରତିଷ୍ଠା ପାଇଁ କବୁଲିୟତ୍ ମଞ୍ଜୁର କରାଯିବା ପାଇଁ ପ୍ରସ୍ତାବ ରହିଅଛି । ଏହି ପ୍ରସ୍ତାବରେ କାହାରି କିଛି ଦାବୀ ଆପତ୍ତି ଥିଲେ ଉକ୍ତ ଇସ୍ତାହାର ଜାରୀ ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଲିଖିତ ଆକାରରେ ଜଣାଇବେ । ମିଆଦ ଗତେ କୌଣସି ଦାବୀ ଆପତ୍ତି ବିଚାର ଗ୍ରହଣ କରାଯିବ ନାହିଁ ଏବଂ ନିୟମ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ତଫସିଲ

| ମୌଜା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ରକବା | କିସମ |
|---|---|---|---|---|
| ବଡମୁଣ୍ଡା | ୧୪୩ (ଆବାଦ ଯୋଗ୍ୟ ଅନାବାଦି) | ୬୮୪ | ଏ.୦.୧୩୦ | ପତିତ |
| | | ୫୨୪ | ଏ.୦.୦୭୦ | ପତିତ |
| | | ୫୮୪ | ଏ.୦.୦୭୦ | ପତିତ |
| | | ୫୯୧ | ଏ.୦.୨୬୦ | ପତିତ |
| | | ୫୭୨/୧୩୧୨ | ଏ.୦.୧୪୦ | ପତିତ |
| | | ୫୮୨/୧୩୧୩ | ଏ.୦.୧୨୦ | ପତିତ |
| | | ମୋଟ | ଏ. ୦.୭୯୦ | |

16/1/2024

ତହସିଲଦାର, ହିନ୍ଦୋଳ
Tahasildar
Hindol

ଏହାର ନକଲ :-

ଏହାର ଏକକିତା ନକଲ ଢେଙ୍କାନାଳ ଜିଲ୍ଲା ସୂଚନା ଅଧିକାରୀଙ୍କ ନିକଟକୁ, ୱେବସାଇଟ୍ ମାଧ୍ୟମରେ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ଏବଂ ଏକକିତା ଲେଖାଏଁ ନକଲ ବିଜ୍ଞାପନ ଫଳକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କଡ଼ଲା / ତହସିଲ୍ କାର୍ଯ୍ୟାଳୟ, ହିନ୍ଦୋଳରେ ଲଟକାଇବା ସହ ଏକକିତା ନକଲ ସଂପୃକ୍ତ ମୌଜାର ମୋନଦୀ ଦ୍ୱାରା ଜାରିକରି ଡ଼ାକବାଜି ଯନ୍ତ୍ର ଦ୍ୱାରା ବହୁଳ ପ୍ରଚାର ନିମନ୍ତେ ଆଦେଶିକା ପତ୍ର ଜରିକାରଙ୍କୁ ଦିଆଗଲା।

16/1/2024

ତହସିଲଦାର, ହିନ୍ଦୋଳ
Tahasildar
Hindol